DAV PUBLIC SCHOOLS, ODISHA ZONE

QUESTION BANK

SUB :ODIA CLASS-VII (2023-24)

TEXT BOOKS :ସାହିତ୍ୟ ସୌରଭ

## EXAM SCHEDULE 2023-24

| NAME OF THE EXAM | DATE | FULL MARKS |
|---|---|---|
| PERIODIC ASSESSMENT-I | 24 July 2023to 31July 2023 | 40 |

## Syllabus

| CHAPTER | Periodic Assessment- I | Marks (40 Marks) |
|---|---|---|
| CHAPTER 1 | କଳାମାଣିକରେ | - |
| CHAPTER2 | ତାରା-ସୂର୍ଯ୍ୟ | - |
| CHAPTER 9 | ରାମାୟଣକଥା | - |
| CHAPTER 14 | ମାଡ଼ହାଣ୍ଡିକଥା | - |
| CHAPTER 18 | ମୋପିଲାବେଳକଥା | - |

## TYPOLOGOGY OF QUESTION

| | | |
|---|---|---|
| 1 | ଅଜଣାଅନୁଚ୍ଛେଦ | 5 MARK |
| 2 | ଅନୁଚ୍ଛେଦ ଲିଖନ | 5 MARK |
| 3 | ବ୍ୟାକରଣ | 10 MARKS |
| 4 | ସରଳାର୍ଥ (ଗଦ୍ୟ/ ପଦ୍ୟ) | 5 MARKS |
| 5 | ସଂକ୍ଷିପ୍ତ ପ୍ରଶ୍ନ | 10 MARKS |
| 6 | ବହୁବୈକଳ୍ପିକ ପ୍ରଶ୍ନ | 5 MARKS |

## Chapter-1

### କଳାମାଣିକରେ

**'କ' ବିଭାଗ (୫) ଲିଖନ–**

**୧ ନିମ୍ନ ଅନୁଚ୍ଛେଦଟିକୁ ପଢି ଦିଆଯାଇଥିବା ପ୍ରଶ୍ନ ଗୁଡିକର ଉତ୍ତର ଲେଖ.।** **୫x୧୫=**

ବିଦ୍ୱାନ ବ୍ୟକ୍ତି ଦେଶରେ ସର୍ବତ୍ର ସମ୍ମାନିତ ହୋଇଥାନ୍ତି ।ଧନୀ ବ୍ୟକ୍ତି ଏକ ସୀମିତ ପରିସରରେ ପ୍ରଂଶସା ପାଏ ।ଧନୀ ବ୍ୟକ୍ତିଙ୍କଠାରୁ ଚୋର ଧନ ନେଇଯାଇ ପାରନ୍ତି।ସେଥିପାଇଁ ସେ ସର୍ବଦା ଭୟଭୀତ ଅବସ୍ଥାରେ ରହିଥାଏ।ଧନର ସୁରକ୍ଷା ପ୍ରତି ସେ ସର୍ବଦା ବିଚଳିତ ଥାଏ।ମାତ୍ର ଜ୍ଞାନୀ ବ୍ୟକ୍ତିର ଜ୍ଞାନ କେହି ନେଇ ପାରେ ନାହିଁ ।ନିଜେ ଶାନ୍ତିରେ ରହି ଅନ୍ୟକୁ ଶାନ୍ତିରେ ରଖିବା ପାଇଁ ମୂଲ୍ୟବାନ ଉପଦେଶ ଦେଇଥାଏ । ଏ ଦୃଷ୍ଟିରୁ ବିଦ୍ୟା ପୂଜନୀୟ ଓ ବନ୍ଦନୀୟ ହୋଇଥାଏ ।ବିଦ୍ୟା ନିଆଁରେ ପୋଡ଼େ ନାହିଁକି ,ପାଣିରେବି ବୁଡ଼େ ନାହିଁ । ପ୍ରକୃତିର କୌଣସି ଧ୍ୱଂସକାରୀ ଶକ୍ତି ମଧ ତାକୁ ଧ୍ୱଂସ କରିପାରେ ନାହିଁ।ଏଣୁ ବିଦ୍ୟା ହିଁ ସର୍ବଶକ୍ତିଶାଳୀ ବୋଲି ଧରି ନିଆଯାଇଛି।ସେଥିପାଇଁବିଦ୍ୟାଦାନ ଏକ ମହାପୂଣ୍ୟ ବୋଲି କୁହାଯାଏ।ବିଦ୍ୟା ଅନ୍ଧବିଶ୍ୱାସଓକୁସଂସ୍କାର ଦୂର କରି ମଣିଷ ମନରେ ଏକ ଦେବତ୍ୱ ଭାବନା ସୃଷ୍ଟି କରେ।

କ (କେଉଁ ଦାନକୁ ମହାପୂଣ୍ୟ ବୋଲି କୁହାଯାଏ?

ଖ (କିଏ ଦେଶରେ ସର୍ବତ୍ର ସମ୍ମାନିତ ହୋଇଥାନ୍ତି ?

ଗ (କାହାର ଜ୍ଞାନ କେହି ନେଇପାରନ୍ତି ନାହିଁ?

ଘ (କାହାକୁ ପ୍ରକୃତିର ଧ୍ୱଂସକାରୀ ଶକ୍ତି ଧ୍ୱଂସ କରିପାରେ ନାହିଁ?

ଙ (ବିଦ୍ୟା କ'ଣ ଦୂରକରି ମଣିଷମନରେ ଦେବତ୍ୱ ଭାବନା ସୃଷ୍ଟି କରେ?

**'ଖ' ବିଭାଗ (୫) ଲିଖନ–**

**୨ ଅନୁଚ୍ଛେଦ ଲେଖ.।** **୫x୧୫=**

ପରୋପକାର

କିମ୍ବା

ଆମ ପରିବେଶ

**'ଗ'- ବିଭାଗ (୧୦)ବ୍ୟାକରଣ –**

**୩)(କ).ଶବ୍ଦାର୍ଥ ଲେଖ** **୨x୧୨=**

ନିଶାଚର, ଅଧାମ, ମୃଦୁ, ପସରା

**ଖ)ସମୋଚ୍ଚାରିତ ଶବ୍ଦ ଗୁଡିକ ମଧ୍ୟରେ ଥିବାପାର୍ଥକ୍ୟ ଲେଖ।** **୨x୧୨=**

ବେଶୀବେଶି-, ନିଧନନିଧନ-,ଶୃତି ଶୃତି-,ନିଶା ନିଶା–

**(ଗ)ପ୍ରତିଶବ୍ଦ ଲେଖ।** **୨x୧୨=**

ଲଉଡି ,କାନନ ,ନୟନ,ଦରିଦ୍ର

**(ଘ)ବିପରୀତାର୍ଥବୋଧକ ଶବ୍ଦ ଲେଖ।** **୨x୧୨=**

ଅନ୍ଧାର ,ଡର, ସୁଖ ,ସୀମା

**(ଙ)ଲିଙ୍ଗ ପରିବର୍ତ୍ତନ କର।** **୨x୧୨=**

ମାତା ,ଅନ୍ଧ ,ଜନକ,ବୃଦ୍ଧ

**'ଘ' ବିଭାଗ )– ପାଠ୍ୟପୁସ୍ତକ–୨୦(**

**୪ ସରଳାର୍ଥ ଲେଖ .।** **୧x୫=୫**

ହିତୋଳି ମୁଁ ଧଇଲେ ଗୋଳି ହୋଇଯାଉ ତୁ,

ତୋ ଦୁର୍ବଳ ଦେଖି କାହିଁ ପଶିବଇ ମୁହିଁ।

ନେଲୁ ନାହିଁ କାହିଁ ପାଇଁ ତୋ କଠଉ ଛତା (ଖ)

ବନେ କଣ୍ଟା ଲାଗି ହୋଏ ମୃଦୁ ପାଦ ଚିନ୍ତା

**୫ ନିମ୍ନଲିଖିତ ପ୍ରଶ୍ନଗୁଡିକର ସଂକ୍ଷିପ୍ତ ଉତ୍ତରଲେଖ.।** **(୩x୨=୬)**

ପୃର୍ଯ୍ୟ କତା ଶ୍ରୀକୃଷ୍ଣଙ୍କୁ କଳାମାଣିକ କହିବ'ଣ ?

ମାତା ଯଶୋଦା କାହିଁକି ଚିନ୍ତିତ ହୋଇ ପଡିଛନ୍ତି (ଖ)?

ପୁଅର କେଉଁସବୁ କାର୍ଯ୍ୟ ମନେ ପକାଇ ମାଆ ଭଳି ହେଉଛନ୍ତି (ଗ)?

ଯଶୋଦା ନିଜକୁ ଡଙ୍କୁଣୀ ବୋଲି କାହିଁକି କହିଛନ୍ତି (ଘ)?

ମାଆଙ୍କର ହୃଦତାପ ବିନାଶ କରିବାରେ ଶ୍ରୀକୃଷ୍ଣ ହରିଚନ୍ଦନ ପରି ଥିଲେ ବୋଲି (ଙ)

କହିବାର କାରଣ କ'ଣ ?

ଶ୍ରୀକୃଷ୍ଣଙ୍କ ପାଦରେ (ଚ)କଣ୍ଟା ଫୁଟିଯିବାର ଆଶଙ୍କା ମାଆଙ୍କ ମନରେ କାହିଁକି ସୃଷ୍ଟି ହୋଇଛି ?

ଶ୍ରୀକୃଷ୍ଣ କିପରି ଯଶୋଦାଙ୍କର ସୁଖର କାରଣ ଥିଲେ (ଛ)?

ଶ୍ରୀକୃଷ୍ଣଙ୍କର ବେଣୁସ୍ୱନକୁ କାନଡେରିବା ପ୍ରସଙ୍ଗରେ କେଉଁଭାବ ପ୍ରକାଶ ପାଇଛି (ଜ)?

ଝାଞ୍ଜି ଖରାରେ ଶ୍ରୀକୃଷ୍ଣ କିପରି ସମୟ ଅତିବାହିତ କରିଥିବେ (ଝ)?

ଯଶୋଦା ଶ୍ରୀକୃଷ୍ଣଙ୍କ(ଟ)ୁ କାହିଁକି 'ଦରିଦ୍ର ପସରା' ବୋଲି କହିଛନ୍ତି ?

**। ଠିକ୍ ଉତ୍ତରଟିକୁ ବାଛ .**

**୪) x୧(୪=**

)I(ଅଭିମନ୍ୟୁ ସାମନ୍ତ ସିଂହାର କେଉଁ ଯୁଗର କବି ଥିଲେ**?**

ସପ୍ତମ ଶତାବ୍ଦୀ(କ) (ଖ)ପଞ୍ଚଦଶ ଶତାବ୍ଦୀ

ଅଷ୍ଟାଦଶ ଶତାବ୍ଦୀ(ଗ) ବିଂଶ ଶତାବ୍ଦୀ(ଘ)

)II('କଳାମାଣିକ' ବୋଲି କାହାକୁ କୁହାଯାଇଛି ?

ବଳରାମ(କ) (ଖ)ଶ୍ରୀକୃଷ୍ଣ

ସୁଦାମ(ଗ) ଶ୍ରୀଧର(ଘ)

)III(କେଉଁଟି ଶ୍ରୀକୃଷ୍ଣଙ୍କର ଅତିପ୍ରିୟ ଖାଦ୍ୟ ଥିଲା ?

ଆରିସା(କ) (ଖ)ପେଡ଼ା

ରାବିଡ଼ି(ଗ) ଲହୁଣୀ(ଘ)

)IV('କଳାମାଣିକରେ' କବିତାଟି କବିଙ୍କର କେଉଁ କାବ୍ୟରୁ ସଂଗ୍ରହ କରାଯାଇଛି ?

ବିଦଗ୍ଧ ଚିନ୍ତାମଣି(କ) (ଖ)ତପସ୍ୱିନୀ

ଛାନ୍ଦମାଳା(ଗ) ଭାଗବତ(ଘ)

)V(କୃଷ୍ଣଙ୍କୁ କେଉଁଠାକୁ ନ ଯିବାପାଇଁ ଯଶୋଦା ବାରମ୍ବାର ବାରଣ କରୁଥିଲେ ?

ନଦୀ(କ)କୂଳକୁ (ଖ)ମଉସାଘରକୁ

ଗଛମୂଳକୁ(ଗ) ବଣକୁ(ଘ)

)VI(ଝାଞ୍ଜି ଖରାରେ ବୁଲିଥିବା ହେତୁ କୃଷ୍ଣଙ୍କ ଦେହରୁ କ'ଣ ବୋହୁଥିବ ?

ରକ୍ତ(କ) (ଖ)ଝାଳ

ଧୂଳି(ଗ) ପାଣି(ଘ)

)VII(ଯଶୋଦା ସବୁବେଳେ କେଉଁ ସ୍ୱର ଶୁଣିବା ପାଇଁ କାନ ଡେରିଥାନ୍ତି ?

କୃଷ୍ଣଙ୍କ ବେଣୁ ସ୍ୱର(କ) (ଖ)ଗୋରୁମାନଙ୍କର ରଡି

କଠାଉର ଶବ୍ଦ(ଘ)ନିଶାଚରମାନଙ୍କର ଗର୍ଜନ(ଗ)

)VIII କାହାକୁ ଦେଖି ଶ୍ରୀକୃଷ୍ଣ ବେଶି ଡରନ୍ତି(?

ବର୍ଷା(କ) (ଖ)ଖରା

ଅନ୍ଧାର(ଗ) ଆଲୁଅ(ଘ)

)IXଶ୍ରୀକୃଷ୍ଣ ଯଶୋଦାଙ୍କୁ ହୃଦୟର ଦୁଃଖ ରୂପକ ତାତିର ଉପଶମ କରିଥିବାରୁ ତାଙ୍କୁ କାହା ସହିତ(
ତୁଳନା କାରାଯାଇଛି ?

ଫୁଲ ଚନ୍ଦନ(କ) (ଖ)ହରି ଚନ୍ଦନ

ରକ୍ତ ଚନ୍ଦନ(ଗ) ନୀଳ ଚନ୍ଦନ(ଘ)

)X ବେଣୁସ୍ୱର ନ ଶୁଭିବାରୁ ଯଶୋଦାଙ୍କ ମନରେ କି ଭାବନା ସୃଷ୍ଟି ହୋଇଛି(?

ଭୟ(କ) (ଖ)ଆନନ୍ଦ

ଲୋଭ(ଗ) ଘୃଣା(ଘ)

## CHAPTER-2

### ତାରା-ସୂର୍ଯ୍ୟ

### 'କ'ବିଭାଗ (ପଠନ)

**1. ନିମ୍ନଲିଖିତଅନୁଚ୍ଛେଦଟିକୁପଢ଼ିପ୍ରଶ୍ନଗୁଡ଼ିକରଉତ୍ତରଲେଖ।** (5X1=5)

ଉତ୍କୃଷ୍ଟ କଳାର ଭୂମି ଉତ୍କଳ ।ଉତ୍କୃଷ୍ଟ କଳାର କ୍ଷେତ୍ର ବୋଲି ଏହାର ନାମ କଳାଭୂମି ।କଳାର କୋଣାର୍କଠାରୁ ପୁରୀର ବଡ଼ଦେଉଳ , ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର , ରାଜରାଣୀ ମନ୍ଦିର ସବୁ ସୁନ୍ଦର , ସବୁ ମନଲୋଭା ଅତ୍ୟନ୍ତ ଆକର୍ଷଣୀୟ । ପ୍ରତ୍ୟେକ ମନ୍ଦିର ଗାତ୍ରରେ ଶିଳ୍ପୀ ନିହାଣ ଓ ମୁଗୁରରେ ଯେଉଁ କଳା ଫୁଟାଇଛି ତାହା ଅତ୍ୟନ୍ତ ଦୁର୍ଲଭ ।କେଉଁ ମାନସିକ ପ୍ରସ୍ତୁତି ନେଇ ସେ ଅଙ୍କନ କରିଥିଲେ ସେ କଥା ସେମାନେ ଜାଣନ୍ତି ।କୋଣାର୍କ ମନ୍ଦିର ନିର୍ମାଣ ବେଳେ ବିଶୁ ମହାରଣା ଯେତେବେଳେ ପାଷାଣ ଗାତ୍ର ଉପରେ ଦୃଷ୍ଟି ନିବଦ୍ଧ କରିଥିଲେ , ସେତେବେଳେ ଏତେ ନିମଗ୍ନ ଥିଲେ ଯେ, ଗଜପତି ତାଙ୍କ ହାତକୁ ପାନ ଖଣ୍ଡେ ଖଣ୍ଡେ ବଢ଼ାଇ ଦେଉଥିଲେ , ସେଥିପ୍ରତି ତାଙ୍କର ଧ୍ୟାନ ନଥିଲା ।ସେହି କଳାର ଭୂମି ଆଜି ଶ୍ରୀହୀନ , ବିକଳାଙ୍ଗ ହୋଇପଡ଼ିଛି । ସମୁଦ୍ରର ଲୁଣି ହାଓ୍ୱା ହେଉ ଅଥବା ସୁମନ୍ତ୍ୟୁ ଋଷିଙ୍କ ଅଭିଶାପ ହେଉ , କୋଣାର୍କ ମନ୍ଦିର ଭୁଶୁଡ଼ି ପଡ଼ିଛି ।ପୁରୀ ମନ୍ଦିରରୁ ପଥର ଖସୁଛି ।ସେମାନେ କିପରି ପଥର ଉପରେ ପଥର ଖଞ୍ଜି , ଏତେବଡ଼ ଦେଉଳ ଗଢ଼ିଥିଲେ ତାହା ଆଜି ଏକ ବିସ୍ମୟ।

**ପ୍ରଶ୍ନାବଳୀ :-**

(କ) କୋଣାର୍କ ଭୁଶୁଡ଼ି ପଡ଼ିବାର କାରଣ କ'ଣ ହୋଇପାରେ ?

(ଖ) କେଉଁ କେଉଁ ମନ୍ଦିର ଗୁଡ଼ିକର କାରୁକାର୍ଯ୍ୟ ମନଲୋଭା ଓ ଆକର୍ଷଣୀୟ ?

(ଗ) କୋଣାର୍କ ମନ୍ଦିରର ନିର୍ମାଣ ସମୟରେ ବିଶୁ ମହାରଣାଙ୍କ ମଗ୍ନ ଚୈତନ୍ୟର ପ୍ରମାଣ କିପରି ମିଳେ ?

(ଘ) ଶିଳ୍ପୀମାନଙ୍କର କେଉଁ କାର୍ଯ୍ୟ ଆମ ପାଇଁ ଆଜି ବିସ୍ମୟ ?

(ଙ) ଓଡ଼ିଆ କାରିଗରଙ୍କ କେଉଁ କଥା ଅତ୍ୟନ୍ତ ଦୁର୍ଲଭ ?

### 'ଖ' ବିଭାଗ (ଲିଖନ-୦୫)

**2.ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ।** (1X5=5)

ଉତ୍କଳ ଦିବସ

**କିମ୍ବା**

ଦୂରଦର୍ଶନ

### 'ଗ' ବିଭାଗ (ବ୍ୟାକରଣ-୧୦)

**3 .ନିର୍ଦ୍ଦେଶଅନୁଯାୟୀନିମ୍ନୋକ୍ତପ୍ରଶ୍ନଗୁଡ଼ିକରଉତ୍ତରଲେଖ ।**

**(କ)ନିମ୍ନଲିଖିତଶବ୍ଦଗୁଡ଼ିକରଅର୍ଥଲେଖ ।** (3X1=3)

(i)ରବିରଶ୍ମି

(ii)ରଜନୀ

(iii)ଯେମନ୍ତ

(iv)ତମ

(v) ପ୍ରଭାକର

(vi)ଭାସ୍ୱର

(vii)ଭାଷେ

(viii)ନିମକହାରାମ

(ix)ନାଶିବା

(x)ହିତ

**(ଖ) ନିମ୍ନଲିଖିତଶବ୍ଦଗୁଡ଼ିକର ପ୍ରତିଶବ୍ଦ ଲେଖ ।** (3X1=3)

(i)ରଜନୀ

(ii)ଭାସ୍କର

(iii)ଗଗନ

(iv) ତମ

(v)ତାରା

**(ଗ) ନିମ୍ନଲିଖିତଶବ୍ଦଗୁଡ଼ିକର ବିପରୀତ ଅର୍ଥବୋଧକ ଶବ୍ଦ ଲେଖ ।** (4X1=4)

(i)ଲାଭ

(ii)କ୍ଷୟ

(iii)ଉଦୟ

(iv) ମହତ

(v)ପ୍ରଚୁର

## ‘ଘ’ବିଭାଗ (ପାଠ୍ୟପୁସ୍ତକ -10)

**4.ସପ୍ରସଙ୍ଗ ସରଳାର୍ଥ ଲେଖ ।** (05)

ଯେ ଯାହାର ହିତ କଲେ ନ ନେଲେ ତା’ ନାମ
ଆମ୍ଭ ଦେଶେ କହିଁ ତାକୁ ନିମକହାରାମ ।

କିମ୍ବା

ଯାହାକୁ ଯେମନ୍ତ ଦିଶେ ତେମନ୍ତ ସେ ଭାଷେ ।

**5.ନିମ୍ନଲିଖିତପ୍ରଶ୍ନଗୁଡ଼ିକରସଂକ୍ଷିପ୍ତଉତ୍ତରଲେଖ।** (5X=10)

(କ)“ଆମ୍ଭେ ଚାହୁଁଥାଉ ତାଙ୍କର ଉଦୟ” – କିଏ କାହାର ଉଦୟ ଚାହୁଁଛନ୍ତି?

(ଖ) ତାରାମାନଙ୍କ ରାଜ୍ୟରେ ଆମ ସୂର୍ଯ୍ୟ କାହିଁକି ଦେଖାଯାଆନ୍ତି ନାହିଁ ?

(ଗ)କେଉଁ କଥାରେ ମହତ ଜନମାନେ ବିବ୍ରତ ହୋଇ ନଥା’ନ୍ତି ?

(ଘ) କେଉଁମାନଙ୍କୁ ରବି ପରି ରଶ୍ମିମାନ ବୋଲି କବି କହିଛନ୍ତି ?

(ଙ) ତାରାମାନଙ୍କର ରବିପଣ କେବଳ ସେଇମାନଙ୍କ ରାଜ୍ୟରେ ସୀମିତ ବୋଲି କୁହାଯାଇଛି କାହିଁକି ?

**6.ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ବନ୍ଧନୀ ମଧ୍ୟରୁ ବାଛି ଲେଖ ।** (5X1=5)

(କ) ‘ତାରା-ସୂର୍ଯ୍ୟ’ କବିତାଟି କେଉଁ ମୂଳଗ୍ରନ୍ଥରୁ ଆନୀତ ?

(ପ୍ରଣୟ-ବଲ୍ଲରୀ , ଅର୍ଘ୍ୟଥାଳୀ,ଇନ୍ଦୁମତୀ , ତପସ୍ୱିନୀ)

(ଖ)‘ତାରା-ସୂର୍ଯ୍ୟ’ କବିତାରେ କବି ପ୍ରଥମେ କାହାକୁ ସମ୍ବୋଧନ କରିଛନ୍ତି ?

( ଚନ୍ଦ୍ର , ସୂର୍ଯ୍ୟ , ଆକାଶ , ତାରା )

(ଗ)‘ତାରା-ସୂର୍ଯ୍ୟ’ କବିତାର କବି କିଏ ?

( ଗଙ୍ଗାଧର ମେହେର, ଅଭିମନ୍ୟୁ ସାମନ୍ତସିଂହାର,ଦୀନକୃଷ୍ଣ ଦାସ , ଉପେନ୍ଦ୍ରଭଞ୍ଜ )

(ଘ) କେଉଁମାନଙ୍କୁ ରବି ପରି ରଶ୍ମିମାନ ବୋଲି କବି କହିଛନ୍ତି ?

(ମୁନି-ଋଷି , ଇଂରେଜ , ମହାପୁରୁଷ , ତାରା )

(ଙ) ଗଙ୍ଗାଧର ମେହେରଙ୍କୁ କି କବି କୁହାଯାଏ ?

(ବ୍ୟାସକବି , ସ୍ୱଭାବ କବି , ପଲ୍ଲୀକବି ,ଜାତୀୟ କବି )

(ଚ) ‘ତାରା-ସୂର୍ଯ୍ୟ’ କବିତାର ମୁଖ୍ୟ ଭାବ କ’ଣ ?

( ଦେଶପ୍ରେମର ବାର୍ତ୍ତା , ବିଭୁପ୍ରେମର ବାର୍ତ୍ତା , ପ୍ରକୃତି ପ୍ରେମର ବାର୍ତ୍ତା, ସ୍ୱାଭିମାନର ବାର୍ତ୍ତା )

(ଛ) ତାରାଗଣ କେବଳ ନିଜର ଜଗତକୁ ଆଲୋକିତ କରିଛନ୍ତି – ଏଥିରୁ କେଉଁ ଭାବ ପ୍ରକାଶ ପାଇଛି ?

(ସଂକୀର୍ଣ୍ଣ ମନୋଭାବ ,ସ୍ୱାର୍ଥପର ମନୋଭାବ , ନିଃସ୍ୱାର୍ଥ ମନୋଭାବ , ଦୃଢ଼ ମନୋଭାବ)

(ଜ) ଆମ୍ଭ ଦେଶେ କହୁଁ ତାକୁ ନିମକହାରାମ !’ ଏଠାରେ ‘ନିମକହାରାମ’ର ଅର୍ଥ କ’ଣ ?

(କୃତଜ୍ଞ ,କୃତଘ୍ନ ,ହିଂସ୍ର ,ନୀଚ)

(ଝ) ସୂର୍ଯ୍ୟଙ୍କର କେଉଁ ପ୍ରତିଶବ୍ଦ ‘ତାରା-ସୂର୍ଯ୍ୟ’ କବିତାରେ କବି ବ୍ୟବହାର କରି ନାହାନ୍ତି ?

( ଭାସ୍କର , ପ୍ରଭାକର , ଦିବାକର , ରବି )

(ଞ) ଆମ ଭାସ୍କର କାହାକୁ ଲକ୍ଷ୍ୟ କରି କୁହାଯାଇଛି ?

(ଆମର ତାରାଙ୍କୁ , ଆମର ସୂର୍ଯ୍ୟଙ୍କୁ ,ଆମର ମନୋଭାବକୁ , ଆମର ପରମ୍ପରାକୁ )

## CHAPTER-9

### ରାମାୟଣ କଥା

**‘କ’ ବିଭାଗ ପଠନ –**

1.**ନିମ୍ନ ଲିଖିତ ଅନୁଚ୍ଛେଦଟିକୁ ପଢିଦିଆଯାଇଥିବା ପ୍ରଶ୍ନଗୁଡ଼ିକରଉତ୍ତରପୂର୍ଣ୍ଣ ବାକ୍ୟରେ ଲେଖ ।** (5X1=5)

ଜୀବନଧାରଣର ସର୍ବନିମ୍ନ ଆବଶ୍ୟକତା ପାଇଁ ଯେଉଁ ଖର୍ଚ୍ଚ କରାଯାଏ ତାହା ପ୍ରଥମ ଶ୍ରେଣୀର ; ଯଥା ଖାଦ୍ୟ –,ବସ୍ତ୍ର ଓ ବାସଗୃହ । ଦ୍ୱିତୀୟ ଶ୍ରେଣୀର ଖର୍ଚ୍ଚ ଆରାମ ପାଇଁ ଏବଂ ତୃତୀୟ ଶ୍ରେଣୀର ଖର୍ଚ୍ଚ ବିଳାସ ପାଇଁ କରାଯାଏ । ଏସବୁ ବ୍ୟତୀତ ଭବିଷ୍ୟତ ପାଇଁ କିଛି ସଞ୍ଚୟ କରିବା ମଧ୍ୟ ପ୍ରତ୍ୟେକଙ୍କର ଉଚିତ୍ । ସଞ୍ଚୟ ବିଷୟରେ ପିମ୍ପୁଡ଼ି ଓ ମହୁମାଛି ଆମର ଆଦର୍ଶ । ଆବଶ୍ୟକ ଖର୍ଚ୍ଚ ତୁଲାଇ ସାରିବା ପରେ ବଳକା ଧନକୁ ସଞ୍ଚୟ କରିବା ହିଁ ବୁଦ୍ଧିମାନର କାର୍ଯ୍ୟ । ଜଣେ ଜଣେ ବ୍ୟକ୍ତି ଧନ ପ୍ରତି ଅତ୍ୟଧିକ ଆସକ୍ତ ହୋଇ ପେଟକୁ ନ ଖାଇ ଧନ ସଞ୍ଚିବାରେ ଆନନ୍ଦ ପାଆନ୍ତି । ଏଭଳି ଲୋକକୁ ସମାଜ ‘କୃପଣ’ ଆଖ୍ୟା ଦେଇଥାଏ । ସେ ବଞ୍ଚିରହି ମଧ୍ୟ ଜୀବନରେ ସୁଖ ଭୋଗ କରିପାରେ ନାହିଁ । ଅପର ପକ୍ଷରେ ଯିଏ ନିଜ ଖର୍ଚ୍ଚକୁ ନିୟନ୍ତ୍ରଣ କରି ନ ପାରେ ସିଏ କରଜ କରେ ଓ ଦୁଃଖକୁ ବରଣ କରି ଆଣେ । ମାପିଚୁପି ଖର୍ଚ୍ଚ କରି ସଞ୍ଚିପାରିଲେ ଆବଶ୍ୟକତା ପୂରଣ ହେବା ସହିତ ଅସୁବିଧା ଦୂର ହୁଏ ଏବଂ ଜୀବନ ସୁଖମୟ ହୁଏ ।

କ କେଉଁମାନଙ୍କୁ କୃପଣ କୁହାଯାଏ .?

ଖପ୍ରଥମ ଶ୍ରେଣୀର ଖର୍ଚ୍ଚ କହିଲେ ତୁମେ କ .’ଣ ବୁଝ ?

ଗ ଜୀବନ କିପରି ସୁଖମୟ ହୁଏ .?

ଘ ବିଳାସ ପାଇଁ କରାଯାଉଥିବା ଖର୍ଚ୍ଚ କେଉଁ ଶ୍ରେଣୀର ଅନ୍ତର୍ଭୁକ୍ତ .?

ଙ କେଉଁମାନେ ସଞ୍ଚୟ ବିଷୟରେ ଆମର ଆଦର୍ଶ ଅଟନ୍ତି .?

**‘ଖ’ ବିଭାଗ ଲିଖନ–**

2 .**ରଚନା ଲେଖ ।** (5X1=5)

ତୁମ ଜୀବନର ଲକ୍ଷ୍ୟ ,

(କିମ୍ବା)

ବ୍ୟାୟାମର ଉପକାରିତା

## 'ଗ' ବିଭାଗ

## (ବ୍ୟାକରଣ)

3.**ନିର୍ଦ୍ଦେଶାନୁସାରେ ଉତ୍ତର ଲେଖ ।**

**କ ପ୍ରଦତ୍ତ ଶବ୍ଦଗୁଡ଼ିକର ଅର୍ଥ ଲେଖ । .**

i.ଅଙ୍ଗୀକାର, ii.ତଦନନ୍ତର ,iii.ବସନ, iv. କାଳାନଳ

**ଖ ବାକ୍ୟ ଗଠନ କର ।.**

i.ଅନୁଗତ, ii.ଯମଜ, iii.ପାଦୁକା, iv.ଦୁର୍ମତି

**ଗବିପରୀତାର୍ଥବୋଧକ ଶବ୍ଦ ଲେଖ । .**

i.ଜ୍ୟେଷ୍ଠା, ii.ସନ୍ତୁଷ୍ଟ, iii.ଆନନ୍ଦ ,iv.ବିରାଗ

**ଘଲିଙ୍ଗ ପରିବର୍ତ୍ତନ କର .।**

i.କୁମାର, ii.ରାଜା, iii.ନର

**ଙ ନିମ୍ନଲିଖିତ ଶବ୍ଦଗୁଡ଼ିକର ଗୋଟିଏ ଲେଖାଏଁ ପ୍ରତିଶବ୍ଦ ଲେଖ ।.**

i.ନୟନ , ii.ଦାର, iii.ପ୍ରାଚୀନ

**ଚ ଶୂନ୍ୟ ସ୍ଥାନ ପୂରଣ କର.।**

i. ପରିଶେଷରେ ରାବଣ ମଧ୍ୟ ରାମଙ୍କ ଶରରେ ହେଲା -----------।

ii. ରାମ ଓ ଲକ୍ଷ୍ମଣ ସୀତାଙ୍କୁ ଘେନି ଅଯୋଧ୍ୟା କଲେ -------------।

## 'ଘ' ବିଭାଗ ସାହିତ୍ୟ –

4 .**ସରଳାର୍ଥ ଲେଖ ।** (5X1=5)

କ ସତୀ ସୀତାଙ୍କର ନୟନବାରି କାଳାନଳ ପ୍ରାୟ ଲଙ୍କାପୁରୀକୁ ଭସ୍ମ କରି ଦେଲା । .

ଖ ରାଜ୍ୟର ସମସ୍ତଲୋକ ଏହି ସମ୍ବାଦରେ .ହାହାକାର କରିବାକୁ ଲାଗିଲେ ଏବଂ ଘରେ ଘରେ କ୍ରନ୍ଦନର ରୋଳ ଉଠିଲା ।

ଗ ତାହାଙ୍କର ଏହି ପ୍ରକାର ସ୍ୱାର୍ଥତ୍ୟାଗ ଓ ବୈରାଗ୍ୟ ଦେଖି ସମସ୍ତେ ବିସ୍ମୟାନ୍ୱିତ ହୋଇ ଧନ୍ୟ ଧନ୍ୟ କହିବାକୁ ଲାଗିଲେ । .

5.**ନିମ୍ନ ଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ ।(2X5=10)**

କ.ଭରତଚିତ୍ର ିକୂଟରୁ ଫେରି କି ଭଳି ରାଜ୍ୟ ଶାସନ କଲେ?

ଖ.କୈକେୟୀ ଦଶରଥଙ୍କୁ କେଉଁ ଦୁଇଟି ବର ମାଗିଥିଲେ .?

ଗ.ସୀତା ବାଲ୍ମୀକି ଆଶ୍ରମରେ କାହିଁକି ଆଶ୍ରୟ ନେଲେ .?

ଘ.ରାମଚନ୍ଦ୍ର ଲବକୁଶଙ୍କର ପରିଚୟ କିପରି ପାଇଲେ .?

ଙ.ରାମଚନ୍ଦ୍ରଙ୍କୁ ଦ୍ୱିତୀୟ ବିବାହ କରିବା ପାଇଁ କେଉଁମାନେ ଓ କାହିଁକି ପରାମର୍ଶ ଦେଲେ .?

ଚ.ସୀତା ଲଙ୍କାଗଡ଼ରେ ଥିବାର ଖବର ରାମଚନ୍ଦ୍ର କିପରି ପାଇଲେ .?

ଛ.ଦଶରଥ କେଉଁ ପରିସ୍ଥିତିରେ ପ୍ରାଣ ତ୍ୟାଗ କଲେ .?

ଜ.ରାବଣକୁ .'ଦୁର୍ମତି' ବୋଲି କହିବାର କାରଣ କ'ଣ ?

ଝ.ରାମଙ୍କ ବନଗମନ ଖବର ପାଇ ଅଯୋଧ୍ୟାବାସୀ କାହିଁକି କ୍ରନ୍ଦନ କଲେ .?

ଞ.ରାମାୟଣରୁ ଭ୍ରାତୃଭକ୍ତିର କି ସୂଚନା ମିଳେ .?

ଟ. ଜା ଦଶରଥଙ୍କ ଚାରପୁତ୍ରଙ୍କ ମଧ୍ୟରେ କିପରି ସମ୍ପର୍କ ଥିଲା ?

ଠ ସୀତା କିପରି ଭାବରେ ରାକ୍ଷସପୁରୀରେ ଦିନ ଯାପନ କରିଥିଲେ .?

6.**ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ପଢ଼ ଓ ସମ୍ଭାବ୍ୟ ଉତ୍ତରଗୁଡ଼ିକ ମଧ୍ୟରୁ ଠିକ୍ ଉତ୍ତରଟିକୁ ବାଛି ଲେଖ ।** (5X1=5)

କ କିଏ ପ୍ରାଣପଣେ ସେବାକରି ରାଜା ଦଶରଥଙ୍କୁ ମୃତ୍ୟୁ ମୁଖରୁ ରକ୍ଷା କରିଥିଲେ .?

i.କୌଶଲ୍ୟା ii.କୈକେୟୀ iii.ସୁମିତ୍ରା iv.ସୀତା

ଖ ରାବଣ କେଉଁଠାରୁ ସୀତାଙ୍କୁ ହରଣ କରି ନେଇଗଲା .?

i.ଦଣ୍ଡକାରଣ୍ୟ ii.ଚିତ୍ରକୂଟ iii.ପଞ୍ଚବଟୀ iv.କାମ୍ୟକାବନ

ଗ ଜନକ କେଉଁ ରାଜ୍ୟର ଅଧିପତି ଥିଲେ .?

i.ଅଯୋଧ୍ୟା ii.କିଷ୍କିନ୍ଧ୍ୟା iii.ଲଙ୍କା iv.ମିଥିଳା

ଘରାମଚନ୍ଦ୍ରଙ୍କୁ ଦ୍ୱିତୀୟ ବିବାହ କରିବା ପାଇଁ କେଉଁମାନେ ପରାମର୍ଶ ଦେଲେ .?

i. ରାଜଗୁରୁ ii. ମନ୍ତ୍ରୀ iii. ପାତ୍ରମିତ୍ର iv. ସେନାପତି

ଙ ଶ୍ରୀରାମଚନ୍ଦ୍ର କାହା ସହିତ ମିତ୍ରତା କରି ତାଙ୍କର ଅନୁଚରମାନଙ୍କୁ ସୀତାଙ୍କର ଅନୁସନ୍ଧାନ ନିମନ୍ତେ ପଠାଇଥିଲେ .?

i.ସୁଗ୍ରୀବ ii.ହନୁମାନ iii.ଅଙ୍ଗଦ iv. ବାଳି

ଚ ରାମାୟଣ କଥାର ରଚୟିତା କିଏ .?

i.ଗୋପାଳ ଚନ୍ଦ୍ର ପ୍ରହରାଜ ii.ରାମକୃଷ୍ଣ ନନ୍ଦ iii.ଗୋପବନ୍ଧୁ ଦାସ iv.ମଧୁସୂଦନ ରାଓ

ଛ କୈକେୟୀ କାହାର କୁମନ୍ତ୍ରଣାରେ ପଡ଼ି ଦୁଇଟି ନିଷ୍ଠୁର ବର ମାଗିଥିଲେ.?

i.ତ୍ରିଜଟା ii.ମନ୍ଥରା iii.ଭରତ iv. ଶତ୍ରୁଘ୍ନ

ଜ ସଂସ୍କୃତ ଭାଷାରେ କିଏ ରାମାୟଣ ରଚନା କରିଥିଲେ .?

i.ବିଶ୍ୱାମିତ୍ର ii.ବଶିଷ୍ଠ iii.ବ୍ୟାସଦେବ iv.ବାଲ୍ମୀକି

ଝ ରାମଚନ୍ଦ୍ର କେଉଁ ଯଜ୍ଞ ଅନୁଷ୍ଠାନ କରିବା ନିମନ୍ତେ ସୀତାଙ୍କର ସ୍ୱର୍ଣ୍ଣମୟୀ ମୂର୍ତ୍ତି ଗଠନ କରିଥିଲେ .?

i.ରାଜସୂୟ ଯଜ୍ଞ ii.ଅଶ୍ୱମେଧ ଯଜ୍ଞ iii.ବିଶ୍ୱଜିତ୍ ଯଜ୍ଞ iv.ବାଜପେୟ ଯଜ୍ଞ

ଞ ଇନ୍ଦ୍ରଜିତ କାହାର ପୁତ୍ର .?

i.ରାବଣ ii.କୁମ୍ଭକର୍ଣ୍ଣ iii.ବିଭୀଷଣ iv.ମାରିଚ

## CHAPTER-14

### ମାଡ଼ହାଣ୍ଡି କଥା

**1-ନିମ୍ନ ଅନୁଚ୍ଛେଦଟିକୁ ପଢି ପଚରା ଯାଇଥିବା ପ୍ରଶ୍ନଗୁଡିକର ଉତ୍ତର ଦିଅ ।** (5X1=5)

ଗଛରେ ଫଳ ଧରିଲେ ଡାଳ ନଇଁଯାଏ । ଆକାଶରେ ଜଳକଣା ଘନୀଭୂତ ହୋଇଗଲେ ମେଘ ନଇଁ ଆସେ । ପ୍ରକୃତିର ନିୟମରେ ଗଛରେ ଫଳ ଧରେ ,ମେଘରେ ଜଳ ଭରେ । ଏହା ସେମାନଙ୍କର ସମୃଦ୍ଧି । ଏ ସମୃଦ୍ଧିରେ ଗଛ କି ମେଘ କେହି ଅହଙ୍କାରୀ ହୁଅନ୍ତି ନାହିଁ ; ବରଂ ନଇଁ ଯାଆନ୍ତି ; ବିନୟୀ ହୁଅନ୍ତି । ନିଜ ଦେହରେ ଫଳୁଥିବା ଫଳ ଗଛ ଖାଏ ନାହିଁ । ପଶୁ , ପକ୍ଷୀ ,ମଣିଷ ସେ ଫଳ ଖାଆନ୍ତି । ଗଛ ତା ପାଇଁ ଦୁଃଖ କରେ ନାହିଁ । ଅନ୍ୟକୁ ଖୁସି କରାଇବା ପାଇଁ ସେ ନଇଁଯାଏ , ଫୋପଡ ସହେ । ମେଘ ବି ନିଜ ଦେହରେ ଠୁଳ ହୋଇଥିବା ଜଳ ପିଏ ନାହିଁ । ସାରା ଜଗତ ପାଇଁ ଜଳ ବରଷି ଦିଏ । ଅନ୍ୟର ଶୋଷ ମେଣ୍ଟାଏ , ପୃଥିବୀକୁ ଶସ୍ୟ ଶ୍ୟାମଳା କରେ । ନିଜକୁ ନୂଆଁଇ ତଳକୁ ଝୁଲି ପଡେ । ଗଛ ବି ଫଳ ଭାରରେ ନଇଁ ପଡେ । ଉଭୟଙ୍କ ଆଚରଣରେ ବିନୟ ଓ ନମ୍ରତା ଫୁଟି ଉଠେ । ପ୍ରଚୁର ସମୃଦ୍ଧିରେ ସେ ଦୁହେଁ ଅହଙ୍କାରୀ ହୁଅନ୍ତି ନାହିଁ । ସେମାନେ ପରୋପକାରୀ । ସେହିପରି ସମୃଦ୍ଧିରେ ସାଧୁମାନେ ବଡିମା ଦେଖନ୍ତି ନାହିଁ ; ଉଦ୍ଧତ ହୁଅନ୍ତି ନାହିଁ । ବିତରଣ ସେମାନଙ୍କର ଧର୍ମ ;

ପରୋପକାର ସେମାନଙ୍କର ବ୍ରତ । ତେଣୁ ଗଛ ଫୋପଡାର ଆଘାତ ସହି ଫଳ ଦାନ କରନ୍ତି ।

**କ** ଆକାଶରେ ମେଘ କଣ ହୋଇଗଲେ ନଇଁ ଆସେ -?

**ଖ** କିଏ ଅନ୍ୟକୁ ଖୁସି କରାଇବା ପାଇଁ ନଇଁ ଯାଇଥାଏ ଓ ଫୋପଡ ସହିଥାଏ -?

**ଗ** ଅନ୍ୟକୁ ଖୁସି କରାଇବା ଦ୍ୱାରା ଗଛ ଓ ମେଘ ଉଭୟଙ୍କ ଆଚରଣରେ କଣ ଫୁଟିଉଠିଥାଏ-?

**ଘ** କିଏ ତଳକୁ ନଇଁ ଆସି ପୃଥିବୀକୁ ଶସ୍ୟ ଶ୍ୟାମଳା କରିଥାଏ-?

**ଙ** ସାଧୁମାନଙ୍କର ଧର୍ମ ଓ ବ୍ରତ କଣ-?

**-2ଅନୁଚ୍ଛେଦ ଲିଖନ** (1X5=5)

କ ବୃକ୍ଷ ହିଁ ଜୀବନ -

ଖ ପରିଶ୍ରମ ହିଁ ସଫଳତାର ଚାବିକାଠି -

**3)ବ୍ୟାକରଣ** (10)

**କ ତଳେ ଦିଆଯାଇଥିବା ଶବ୍ଦଗୁଡିକର ବିପରୀତାର୍ଥବୋଧକ ଶବ୍ଦ ଲେଖ-।**

ଦୁଃଖ , ସିଧା , ସତ , ସକାଳ , ଅଳସୁଆ

**ଖ ବୁଦ୍ଧିବାଟ-, ବାଆଁରାବାଆଁରି ଭଳି ଆଉ ପାଞ୍ଚଟି ଯୁଗ୍ମ ଶବ୍ଦ ଲେଖ ।**

**ଗ ବାକ୍ୟରେ ବ୍ୟବହାର କର-।**

ଭୋକଶୋଷରେ କରଡି ଜଳିବା , ଆନନ୍ଦରେ ବୁଦ୍ଧିବାଟ ନ ଦିଶିବା , ମନ କୁଣ୍ଢେମୋଟ ହୋଇଯିବା , ମୁହଁ ଭାଙ୍ଗିଦେବା , କୋଟିନିଧି ମିଳିବା ।

**ଘ ନିମ୍ନ ଶବ୍ଦଗୁଡିକର ଅର୍ଥ ଲେଖ -।**

ରବୟା,ତେଲୁଣି ,ଅସରପି , ବାରଜ ,କତରା ,ଫୋକଟ

**4 ସପ୍ରସଙ୍ଗ ସରଳାର୍ଥ ଲେଖ-** ।(5)

କ ସେ ତ କାହା ବିକଳ ସହିପାରନ୍ତି ନାହିଁ -।

ଖ ଇମିତି ମାଆପୁଅଙ୍କ ମୁହଁ ମାଗଣା ଭାତରେ ଲାଗିଯାଇଥାଏ -।

ଗ ଖାଇବାକୁ ଦେଲି ବୋଲି ମା ପୁଅ ଦିହେଁ ଇନ୍ଦ୍ରଚନ୍ଦ୍ର ମାନିବାକୁ ନାହାନ୍ତି ।

**5ନିମ୍ନ ଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ ।(2X5=10)**

କ ଚକୁଳିଆ ପଣ୍ଡା କିପରି ପେଟ ପୋଷୁଥିଲ -?

ଖ ଚକୁଳିଆ ପଣ୍ଡା କାନ୍ଦି ବୋବାଇ ପଳାଇ ଆସିଲା କାହିଁକି -?

ଗ ଗଙ୍ଗାମାତା କେଉଁଠାରେ ଥିଲେ -?

ଘ ଗଙ୍ଗମାତା ଚକୁଳିଆ ପଣ୍ଡା ପ୍ରତି ଦୟାଭାବ ଦେଖାଇଲେ କାହିଁକି -?

ଙ ଚକୁଳିଆ ପଣ୍ଡା ହାଣ୍ଡିରେ କଣ ଦେଖିଲା -?

ଚଚକୁଳିଆ ପଣ୍ଡା ଖାଦ୍ୟ -ହାଣ୍ଡି ଧରି ଘରକୁ ଫେରିଲା ବେଳକୁ ତା' ମାଆ କୁଆଡେ ଯାଇଥିଲା ?

ଛ ଚୋରମାନେ ସିନ୍ଦୁକଟିକୁ କେଉଁଠାରେ ରଖିଥିଲେ -?

ଜ ସିନ୍ଦୁକ ଭିତରେ କଣ ସବୁ ଥିଲା-?

ଝ ଚୋରମାନେ ସିନ୍ଦୁକଟିକୁ ଛାଡି ପଳାଇଲେ କାହିଁକି -?

ଞ ଚକୁଳିଆ ପଣ୍ଡା ଯେଉଁ ପୋଖରୀ ପାଖରେ ପହଞ୍ଚିଲା-,ସେ ପୋଖରୀଟି କିପରି ଥିଲା ?

ଟ ଗଙ୍ଗମାତା ଚକୁଳିଆ -ପଣ୍ଡାର ଦୁଃଖ ସାହି ନ ପାରି କ'ଣ କଲେ ?

ଠ ଚକୁଳିଆ ପଣ୍ଡାର ମାଆ କାମ କରିବାକୁ ପୂର୍ବପରି ଗଲା ନାହିଁ କାହିଁକି-?

ଡ ଗଙ୍ଗାମାତା ଚକୁଳିଆ ପଣ୍ଡା ଉପରେ କାହିଁକି ରାଗିଲେ-?

ଢମାଡାହାଣ୍ଡି କବଳରୁ ଚକୁଳିଆ ପଣ୍ଡା ଓ ତା-' ମାଆ ନିଜକୁ କିପରି ରକ୍ଷା କଲେ ?

ଣଗରିବ ଚକୁଳିଆ ପଣ୍ଡା ଓ ତା -' ମାଆ ଧନୀ ହେଲେ କିପରି ?

**6-ବହୁ ବୈକଳ୍ପିକ ପ୍ରଶ୍ନରୁ ଠିକ ଉତ୍ତରଟିକୁ ବାଛି ଦର୍ଶାଅ ।**

କ"-ମାଡାହାଣ୍ଡି କଥା ବିଷୟଟି ଓଡିଆ ଭାଷାରେ କେଉଁ ପ୍ରକାର ଗଳ୍ପ ରୂପେ ପରିଚିତ "?

ପରି ଗଳ୍ପ , ଶିଶୁ ଗଳ୍ପ , ଲୋକଗଳ୍ପ , ବିଜ୍ଞାନ ଗଳ୍ପ

ଖ ଓଡିଆ ଭାଷାର କୋଣାର୍କ" ଗୋପାଳଚନ୍ଦ୍ର ପ୍ରହରାଜଙ୍କ ରଚିତ କେଉଁ ପୁସ୍ତକକୁ -" ବୋଲି କୁହାଯାଏ ?

ନନାଙ୍କ ବସ୍ତାନି , କଥା ଓ କାହାଣୀ , ପୂର୍ଣ୍ଣଚନ୍ଦ୍ର ଭାଷାକୋଷ , ଉତ୍କଳ କାହାଣୀ

ଗ ଚକୁଳିଆ ପଣ୍ଡା ଚୋରକୁ ମାନ କରି ଖପରରେ ଖାଇଲା ପରି  କାନ୍ଧରେ କଣ ପକାଇ ଯାଉଥାଏ-?

ଯାଉଁଳିଟାଏ, ଗାମୁଛାଟିଏ , ଚଦରଟିଏ , ଧୋତିଟିଏ

ଘ ଚକୁଳିଆ ପଣ୍ଡା ଗାଁ ପିଲାଙ୍କଠାରୁ ଟେକା ବୋଲୁଅ ମାଡ ଖାଇ ଯିବା ବେଳେ ବାଟରେ ଖଣ୍ଡେ ଦୂରରେ -

କ'ଣ ଦେଖିଲା ?

ପତ୍ର କୁଡିଆ,  ଉତ୍ତମ ସୁନ୍ଦର ପୋଖରୀଟିଏ , ସୁନ୍ଦର ବଗିଚା , ଏକ ସେତୁବନ୍ଧ

ଙପୋଖରୀର କାଚକେନ୍ଦୁ ଭଳିଆ ପାଣିରେ କଣ ପକାଇଦେଲେ ତାହା ଉପରକୁ ଫୁଟି ଜକଜକ ଦ -ିଶେ ?

ତମ୍ବା ପାତିଆଟିଏ, ସୁନା ପାତିଆଟିଏ , ରୁପା ପାତିଆଟିଏ , କୌଣସିଟି ନୁହେଁ

ଚ ବୁଢୀ କାହା ଉପରେ ଖାଦ୍ୟ ହାଣ୍ଡି ଥୁଆ ହୋଇଥିବାର ଦେଖିଲା -?

ଶିକା ଉପରେ, ଚୁଲି ଉପରେ , ପିଢା ଉପରେ , ଟେଙ୍ଗରା ଉପରେ

ଛ ମାଆ ପୁଅ ଦୁହେଁ କାମ ନ  କରି କଣ ହୋଇ ବସିଲେ ବୋଲି ଗଙ୍ଗମାତା ବିଚାରିଲେ -?

କର୍ମଠ ହୋଇ,  ବୁଲି ବାଲି , ନିଖଟୁ ହୋଇ , ଚଳ ଚଞ୍ଚଳ ହୋଇ

ଜ ଚକୁଳିଆ ପଣ୍ଡାର ଦିହ ହାତ ମାଡରେ କାହା ପରି ଫୁଲି ଗଲାଣି ବୋଲି ବିଷୟରେ ଉଲ୍ଲେଖ -     କରାଯାଇଛି?

ବେଲୁନ ପରି, ଗଡ ପରି ,  ହାଣ୍ଡି ପରି ,  ପୋଟଳ ପରି

ଝ ପୋଖରୀ ଚାରି ପାଖଯାକ କେଉଁ ପଥରରେ ପାହାଚ ବସିଥିଲା-?

ମୁଗୁନି ପଥର, ନାଲି ପଥର , ଶଙ୍ଖ ମାଲମଲ, ଚୂନ ପଥର

ଞ ଚୋର ଚାଲିଗଲା ପରେ ବୁଢୀ ଉଠି ବାଡି କବାଟଟିକୁ ଫିଟାଇଲା ବେଳକୁ ବାଡି ପନ୍ଦାଡରେ -

କଣ ଥୁଆ ହୋଇଥିଲା ?

ସିନ୍ଦୁକଟିଏ, ବାକ୍ସଟିଏ , ବ୍ୟାଗଟିଏ ,  ମୁଣିଟିଏ

## CHAPTER-18

### ମୋ' ପିଲାବେଳ କଥା (ଜୀବନୀ)

**1.ନିମ୍ନଲିଖିତଅନୁଚ୍ଛେଦଟିକୁପଢ଼ିପ୍ରଶ୍ନଗୁଡ଼ିକରଉତ୍ତରଲେଖ।** (5X1=5)

ସମୁଦ୍ର ଗର୍ଭରେ ଆଲୋଡ଼ନ ଜନିତ ଲୋମହର୍ଷଣକାରୀ ଜୁଆରକୁ ଭୂବିଜ୍ଞାନୀ ଭାଷାରେ ସୁନାମି କୁହାଯାଏ । ସୁନାମି ଏକ ଜାପାନୀ ଶବ୍ଦ । 'ସୁ' ର ଅର୍ଥ 'ପୋତାଶ୍ରୟ' ଏବଂ 'ନାମି'ରଅର୍ଥ 'ଢେଉ' ବା 'ତରଙ୍ଗ' ।  ପୋଖରୀରେଟେକାଟିଏ ପଡ଼ିଲେ ପତିତ ସ୍ଥଳରୁ ଢେଉମାନ ବୃତ୍ତାକାରରେ ଗତିକଲା ପରି ସୁନାମି ହେଉଛି ଏହାର ସହସ୍ର ଗୁଣ ଶକ୍ତିଶାଳୀ ଗତିଶୀଳ ତରଙ୍ଗ । ୨୦୦୪ ମସିହା ଡିସେମ୍ବର ୨୬ ତାରିଖରେ ଇଣ୍ଡୋନେସିଆ ନିକଟବର୍ତ୍ତୀ ସମୁଦ୍ରରେ ସୃଷ୍ଟ ସୁନାମି ପ୍ରାକୃତିକ ବିପର୍ଯ୍ୟୟର ଇତିହାସରେ ଏକ ଅବିସ୍ମୃତ ଅଧ୍ୟାୟ । ସୁନାମିର ଇତିହାସ ଅତି ପୁରାତନ । ଐତିହାସିକ ତଥା ଆମେରିକାର କିଛି ବୈଜ୍ଞାନିକଙ୍କ ମତରେ ଶ୍ରୀକୃଷ୍ଣଙ୍କର ଦ୍ୱାରକା ନଗରୀ ସୁନାମି ଦ୍ୱାରା ସମୁଦ୍ରରେ ଲୀନ ହୋଇଥିଲା । ଭାରତ ମହାସାଗର ଅପେକ୍ଷା ପ୍ରଶାନ୍ତ ମହାସାଗରରେ ଅଧିକ ସୁନାମି ସୃଷ୍ଟି ହୋଇଥାଏ ।୧୫୬୨ ଅକ୍ଟୋବର ୨୮ ତାରିଖରେ ଚିଲିରେ ସୃଷ୍ଟି ହୋଇଥିବା ସୁନାମିର ଉଚ୍ଚତା  ୧୬ ମିଟର ଥିଲା । ୧୫ ଜୁନ୍ ୧୮୯୬ ମସିହାରେ ଜାପାନ ସୁନାମିର ଉଚ୍ଚତା  ୩୮ ମିଟର ଥିଲା ।  ସୁନାମି ଇତିହାସରେ ଚିଲିଦେଶ ୧୫୬୨ ଠାରୁ ୧୯୬୦ ମସିହା ମଧ୍ୟରେ ଛ'ଥର ସୁନାମିର ସମ୍ମୁଖୀନ ହୋଇଛି।

**ପ୍ରଶ୍ନାବଳୀ :-**

(କ)କେଉଁ ମହାସାଗରରେ ଅଧିକ ସୁନାମି ସୃଷ୍ଟି ହୋଇଥାଏ ?

(ଖ)ସୁନାମି କାହାକୁ କୁହାଯାଏ ?

(ଗ)୧୮୯୬ ମସିହାରେ ଜାପାନ ସୁନାମିର ଉଚ୍ଚତା କେତେ ମିଟର ଥିଲା ?

(ଘ)ସୁନାମି ଶବ୍ଦର ଅର୍ଥ କ'ଣ ?

(ଙ)ଶ୍ରୀକୃଷ୍ଣଙ୍କର ଦ୍ୱାରକା ନଗରୀ କିପରି ଲୀନ ହୋଇଥିଲା **?**

### 'ଖ'ବିଭାଗ (ଲିଖନ -05)

**2.ଯେକୌଣସିଗୋଟିଏବିଷୟରେରଚନାଲେଖ।** (1X5=5)

ଓଡ଼ିଶାର ପର୍ବପର୍ବାଣି

**କିମ୍ବା**

ବିଜ୍ଞାନର ଉପକାରିତା

**‘ଘ’ବିଭାଗ**

**3.ନିମ୍ନଲିଖିତପ୍ରଶ୍ନଗୁଡ଼ିକରସଂକ୍ଷିପ୍ତଉତ୍ତରଲେଖ।** (2X5=10)

(କ)ମୁଜାଫରପୁରରେ ରମାଦେବୀ କେଉଁମାନଙ୍କ ସହ ରହୁଥିଲେ ?

(ଖ) ଦୁଇ ଭଉଣୀ ହଠାତ୍ କାହିଁକି ଚମକି ପଡ଼ିଲେ ?

(ଗ)ଦେଶ ପାଇଁ କାମ କଲେ କ'ଣ କ'ଣ କରିବାକୁ ହୁଏ ବୋଲି ଲେଖିକା କହିଛନ୍ତି ?

(ଘ) ଜେଲ୍ ସମ୍ପର୍କରେ ରମାଦେବୀ ଅନେକ କଥା କିପରି ଜାଣିଥିଲେ ?

(ଙ) ଶ୍ରୀଅରବିନ୍ଦଙ୍କ ପ୍ରତି ଲେଖିକାଙ୍କର କାହିଁକି ଭକ୍ତି ଆସିଥିଲା ?

**4.ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଠିକ୍ ଉତ୍ତର ବନ୍ଧନୀ ମଧ୍ୟରୁ ବାଛି ଲେଖ ।** (4X1=4)

(କ) ରମାଦେବୀଙ୍କ ଆତ୍ମଜୀବନୀର ନାମ କ'ଣ ?

(ଜୀବନ ପଥେ , ମୋ ଜୀବନ ସଂଗ୍ରାମ , ଜୀବନ ଓ ଜୀବିକା , ଜୀବନ ପଥିକ)

(ଖ)ଉତ୍କଳଗୌରବ ମଧୁସୂଦନ ଦାସଙ୍କ ସାନଭାଇ ନାମ କ'ଣ ?

( ରାଧାବଲ୍ଲଭ , ଗୋପାଳବଲ୍ଲଭ, ଶ୍ୟାମାବଲ୍ଲଭ, ହରିବଲ୍ଲଭ )

(ଗ)ରମାଦେବୀ ଜଗତସିଂହପୁରରେ ପ୍ରତିଷ୍ଠା କରିଥିବା ଆଶ୍ରମର ନାମ କ'ଣ?

( ବୃଦ୍ଧ ଆଶ୍ରମ , ଅନାଥ ଆଶ୍ରମ , ଅଳକା ଆଶ୍ରମ , ସେବା ଆଶ୍ରମ)

(ଘ) ଗୋପାଳବଲ୍ଲଭ ଦାସଙ୍କର କେଉଁ ସାହେବ ଘନିଷ୍ଠ ବନ୍ଧୁଥିଲେ ?

(ସାର୍ ଚାର୍ଲସ୍ ଷ୍ଟୁଆର୍ଟ ବେଲେ , ସାର୍ ଏଡ଼ୱାର୍ଡ଼ ଆଲବର୍ଟ ଗେଟ୍ , ସାର୍ ହେନ୍‌ରି ହୁଇଲାର୍ , କିଂସ୍ ଫୋର୍ଡ଼ ସାହେବ , )

(ଙ)ରମାଦେବୀଙ୍କ ଘରେ କେଉଁ ମିଲ୍‌ର ମୋଟା ଲୁଗା ପିନ୍ଧିବା ଓ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ପୂରା ଦମ୍‌ରେ ଚାଲିଥିଲା ?

(ବୟନିକା ମିଲ୍ , ଖଦି ଉଦ୍ୟୋଗ ମିଲ୍ , ଉତ୍କଳ ଲକ୍ଷ୍ମୀ ମିଲ୍ , ବଙ୍ଗଲକ୍ଷ୍ମୀ ମିଲ୍ )

(ଚ)ରମା ଦେବୀଙ୍କ ମା'ଙ୍କ ନାମ କ'ଣ ?

( ବର୍ଷାରାଣୀ ଦେବୀ , ମାଳତୀ ଦେବୀ , ବସନ୍ତ କୁମାରୀ ଦେବୀ , ପ୍ରଭାବତୀ ଦେବୀ )

(ଛ)'ଦେଶ ପାଇଁ ସର୍ବସ୍ୱ ଦେବାକୁ ହେବ '- ଏ ଭାବନା କିଏ ସୃଷ୍ଟି କରିଥିଲେ ?

(ବଙ୍କିମଚନ୍ଦ୍ର , ରବୀନ୍ଦ୍ରନାଥ , ବିପ୍ଳବୀ ଅରବିନ୍ଦ , ବିପ୍ଳବୀ ଖୁଦିରାମ)

(ଜ) ଦେଶ ପାଇଁ କାମ କରିବାକୁ ହେଲେ କ'ଣ କରିବାକୁ ପଡ଼ିଥାଏ ?

(ସରକାରୀ କର୍ମଚାରୀ , ଫାଶୀ ପାଇବାକୁ ହୁଏ , ଇତିହାସ ଜାଣିବାକୁ ହୁଏ , ବୋମା ଫୁଟାଇବାକୁ ହୁଏ)

(ଝ) ପ୍ରସିଦ୍ଧ'ଆନନ୍ଦ ମଠ' ଉପନ୍ୟାସର ରଚୟିତା କିଏ ?

( ଫକୀରମୋହନ ସେନାପତି , ରବୀନ୍ଦ୍ରନାଥ ଠାକୁର, ଶ୍ରୀ ଅରବିନ୍ଦ ଘୋଷ , ବଙ୍କିମଚନ୍ଦ୍ର ଚାଟାର୍ଜୀ )

(ଞ) ରମାଦେବୀ କାହାକୁ ବିବାହ କରିଥିଲେ ?

(ଗୋପବନ୍ଧୁ ଦାସ , ଗୋପବନ୍ଧୁ ଚୌଧୁରୀ, ମଧୁସୂଦନ ଦାସ , ମଧୁସୂଦନ ରାଓ )

(ଚ) ଖୁଦିରାମ କେତେ ବର୍ଷ ବୟସରେ ଜେଲ୍ ଯାଇଥିଲେ ?

( ୨୨ ବର୍ଷ , ୨୩ ବର୍ଷ , ୧୮ ବର୍ଷ , ୧୯ ବର୍ଷ )

(ଛ) ଖୁଦିରାମ କାହିଁକି ଜେଲ ଯାଇଥିଲେ ?

( ଚୋରୀ କରିଥିବା ଯୋଗୁଁ , ହତ୍ୟା ମାମଲାରେ ,ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ , ବିକ୍ଷୋଭ ପ୍ରଦର୍ଶନ କରିବାରୁ)

(ଜ) ପିଲାବେଳେ ରମାଦେବୀ କ'ଣ ଶୁଣିବାକୁ ଭଲ ପାଉଥିଲେ ?

(ଗପ, ଜୀବନୀ ସାହିତ୍ୟ , ପ୍ରବନ୍ଧ , ନାଟକ)

(ଙ) ରମାଦେବୀ ଦେଶ ବନ୍ଦନା କାହାଠାରୁ ଶୁଣିଲେ ?

( ମୁସଲମାନ୍ଙ୍କ ପିଲାମାନଙ୍କଠାରୁ , ବଙ୍ଗାଳୀଘର ପିଲାମାନଙ୍କଠାରୁ , ନିଜ ମାମୁଙ୍କଠାରୁ , ବାପାଙ୍କଠାରୁ )

(ଛ) ରମାଦେବୀଙ୍କ ବାପା ଅଧିକାଂଶ ଦିନ ରାତିରେ କ'ଣ ଲେଖନ୍ତି ?

(ଗପ, ନାଟକ , କବିତା , ମୋକଦ୍ଦମା ରାୟ )

**5.ପ୍ରସଙ୍ଗ ଅନୁଯାୟୀ ଉତ୍ତର ଲେଖ ।(ଯେକୌଣସି ଗୋଟିଏ)** **(5)**

(କ)କୈଶୋର ଅବସ୍ଥାରେ ରମାଦେବୀଙ୍କ ମନରେ କିପରି ସ୍ୱଦେଶପ୍ରୀତିର ଭାବ ଉଦ୍ରେକ ହୋଇଥିଲା ?

(ଖ)ଶ୍ରୀଅରବିନ୍ଦ ଓ ଖୁଦିରାମ ସମ୍ବନ୍ଧରେ ଲେଖିକା କ'ଣ କହିଛନ୍ତି ?

(ଗ) ଦେଶ ପାଇଁ କାମ କରିବାକୁ ହେଲେ ଜେଲ୍ ଯିବାକୁ ହୁଏ , ସ୍ୱଦେଶୀ ଜିନିଷ ବ୍ୟବହାର କରିବାକୁ ହୁଏ – ଏ ଧାରଣା କିପରି ରମାଦେବୀଙ୍କ ହୃଦୟରେ ପ୍ରତିଫଳିତ ହୋଇଛି ?

(ଘ) " ଖୁଦିରାମ ଫାଶୀ ବେଳକୁ ତମେ ଯାଆନା । " – ପଠିତ ବିଷୟ ଆଧାରରେ ଏହାକୁ ବିଚାର କରିଲେଖ ।

(ଙ) ଦୋଷ କଲେ ମାଡ଼ ତ ଦୂର କଥା , ମା' କେବେ ଗାଳି ବି ଦିଏ ନାହିଁ । - ପଠିତ ବିଷୟ ଆଧାରରେ ବିଚାର କରିଲେଖ ।

*************************